# ଆଜି ଅନୁଗୋଳରୁ ୨ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ୫୯ରେ ପହଞ୍ଚିଲା ।

ଅନୁଗୋଳ,୨୪.୬ :- ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ତାଳଚେର ପୌରାଞ୍ଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ଆଜି ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ୩୦ ବର୍ଷୀୟ ଏହି ବ୍ୟକ୍ତି ଚଳିତ ମାସ ୧୭ତାରିଖରୁ ପଶ୍ଚିମବଙ୍ଗରୁ ଆସି ସଙ୍ଗରୋଧରେ ଥିଲେ । ସେହିପରି କିଶୋରନଗର ବ୍ଲକ୍ ଅଂଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି । ୨୭ ବର୍ଷିୟ ଏହି ବ୍ୟକ୍ତି ଚଳିତ ମାସ ୧୭ ତାରିଖରୁ ପୁର୍ଣ୍ଣିଆ (ବିହାର) ରୁ ଆସି ସଂଗରୋଧରେ ଥିଲେ । ଉଭୟଙ୍କର କୌଣସି ଲକ୍ଷଣ ନଥାଇ ନମୁନା ପଜିଟିଭ ଜଣାପଡିବା ପରେ ଆଜି ତାଂକୁ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆଜିର ଏହି ୨ ପଜିଟିଭକୁ ମିଶାଇ ଜିଲ୍ଲାରେ ସମୁଦାୟ ଆକ୍ରାନ୍ତଂକ ସଂଖ୍ୟା ୫୯ରେ ପହଞ୍ଚିଛି । ଆଜି ମଧ୍ୟ ୪ ଜଣ ସୁସ୍ଥ ହୋଇ କୋଭିଡ ହସପିଟାଲରୁ କୋଭିଡ କେୟାର ସେଣ୍ଟର ଆଦର୍ଶ ଆଇ ଟି ଆଇକୁ ସ୍ଥାନାନ୍ତର ହୋଇଛନ୍ତି । ବର୍ତ୍ତମାନ ଜିଲ୍ଲାରେ ସମୁଦାୟ ୪୪ଜଣ ସୁସ୍ଥ ହେଲେଣି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୦୯ ତା.୨୪.୬.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

24/6/20

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।